# ଶୀଘ୍ର ରହସ୍ୟ ଉନ୍ମୋଚନ କରିବ ପୋଲିସ

ଅନୁଗୋଳ, ୧୮
(ଅମିତ କୁମାର ସାମଲ)




ଅନୁଗୋଳ ଜିଲା କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳ (୧୩)ଙ୍କୁ ବଳି ଦିଆଯାଇଥିବା ଅଭିଯୋଗ ଘଟଣାର ଶୀଘ୍ର ପର୍ଦ୍ଦାଫାଶ କରିବ ପୋଲିସ। କଟକ ବଡ଼ ମେଡିକାଲସ୍ଥିତ ଫୋରେନସିକ ମେଡିସିନ ଟକ୍ସିକୋଲୋଜି (ଏଫ୍‌ଏମ୍‌ଟି)ର ରିପୋର୍ଟ ବୁଧବାର ପୋଲିସର ହସ୍ତଗତ ହେବାକୁ ଥିବାରୁ ଏଥିରୁ ହିଁ ନାବାଳକଙ୍କ ମୃତ୍ୟୁର ରହସ୍ୟ ଉନ୍ମୋଚନ ହୋଇପାରିବ। ଏଥିସହ ଘଟଣାସ୍ଥଳରେ ତଦନ୍ତ କରିଥିବା ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ମଧ୍ୟ ଦିନେ ଦୁଇଦିନ ମଧ୍ୟରେ ଜିଲା ପୋଲିସକୁ ମିଳିବ। ଏସବୁ ହାତରେ ଲାଗିବା ପରେ ପୋଲିସ ଘଟଣା ଉପରୁ ସମ୍ପୂର୍ଣ୍ଣ ପରଦା ହଟାଇବ ବୋଲି ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଗତ ୨୮ ତାରିଖରେ କିଆକଟା ଥାନା ବାରେଣୀ ଜଙ୍ଗଲରୁ ନାବାଳକ ସଞ୍ଜୀବଙ୍କ ମୃତଦେହ ଜବତ କରାଯାଇଥିଲା। ବିଳମ୍ବିତ ରାତିରେ ମୃତ ଶରୀର ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ ସହ ସେଥିରୁ କିଛି ଅଂଶ କଟକ ବଡ଼ ମେଡିକାଲ ଏଫ୍‌ଏମ୍‌ଟିକୁ ପରୀକ୍ଷା ପାଇଁ ପଠାଯାଇଥିଲା। ଉକ୍ତ ରିପୋର୍ଟ ବୁଧବାର ପୋଲିସ ନିକଟକୁ ଆସିବ। ଏହି ରିପୋର୍ଟରେ ନାବାଳକଙ୍କୁ କିଭଳି ଓ କେଉଁ ସମୟରେ ହତ୍ୟା କରାଯାଇଛି, କେଉଁ ଅସ୍ତ୍ର ବ୍ୟବହାର ହୋଇଛି ତାହା ଜଣାପଡ଼ିବ। ଏଥିସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ସାଇଣ୍ଟିଫିକ୍ ଟିମ୍ ମଧ୍ୟ ତାହାର ରିପୋର୍ଟ ଶୀଘ୍ର ପୋଲିସକୁ ଦେବ। ଏହି ୨ଟି ରିପୋର୍ଟକୁ ଆଧାର କରି ଘଟଣାର ଅଧିକ ତଦନ୍ତ କରାଯାଇ ରହସ୍ୟ ଉନ୍ମୋଚନ କରାଯିବ। ସେହିପରି ଟୁସର ଗାଁର କେତେଜଣ ଲୋକଙ୍କୁ ପୋଲିସ ପଚରା ଉଚରା କରିବାକୁ ଯୋଜନା କରିଥିବାବେଳେ ମଙ୍ଗଳବାର ମୁଷଳଧାରାରେ ବର୍ଷା ତଦନ୍ତରେ ବାଧକ ସାଜିଥିଲା। ଅନୁଗୋଳର ୨ ଜଣ ଅତିରିକ୍ତ ଏସ୍‌ପି ଆଠମଲ୍ଲିକରେ କ୍ୟାମ୍ପ ଅଫିସ୍ କରି ରହିଥିବାବେଳେ ଆଖପାଖ ଥାନାର ବଛା ବଛା ଅଧିକାରୀଙ୍କୁ ତଦନ୍ତରେ ଲଗାଯାଇଛି। ଜିଲାର ଆଉ କେତେଜଣ ପୋଲିସ ଅଧିକାରୀଙ୍କ ସହଯୋଗ ନିଆଯାଉଥିବା ଏସ୍‌ପି ମିଶ୍ର ପ୍ରକାଶ କରିଛନ୍ତି।

**ନାବାଳକଙ୍କୁ ବଳି ସନ୍ଦେହ ଘଟଣା**

- ଆଜି ମିଳିବ କଟକ ଏଫ୍‌ଏମ୍‌ଟି ରିପୋର୍ଟ
- ଆଠମଲ୍ଲିକରେ ଅଛନ୍ତି ୨ ଅତିରିକ୍ତ ଏସ୍‌ପି
- ଟୁସର ଗାଁର କେତେଜଣଙ୍କୁ କରାଯିବ ପଚରାଉଚରା

## ମୃତ ସଞ୍ଜୀବଙ୍କ ମା'ଙ୍କୁ ପଚରାଉଚରା



ବାସନ୍ତୀ ବିଶ୍ୱାଳ।

ଅନୁଗୋଳ, ୧୮ (ଅମିତ କୁମାର ସାମଲ)

ଆଠମଲ୍ଲିକ ବ୍ଲକ ସୁବର୍ଣ୍ଣପୁରର ସଞ୍ଜୀବ ବିଶ୍ୱାଳଙ୍କୁ ବଳିପକାଯିବା ନେଇ ଅଭିଯୋଗ କରିଥିବା ମା' ବାସନ୍ତୀ ବିଶ୍ୱାଳଙ୍କୁ ମଧ୍ୟ ପୋଲିସ ମଙ୍ଗଳବାର ପଚରାଉଚରା କରିଛି। ସେ ଟୁସରସ୍ଥିତ ମଙ୍ଗଳା କୋଠିର ମହିଳା ପୂଜକ ରୀତାଞ୍ଜଳି ବାଘଙ୍କ ପାଖକୁ ପୁଅକୁ ନେଇ ଯିବା ସମୟରୁ ଆରମ୍ଭ କରି ସଞ୍ଜୀବ ଅଧିଆ ପଡ଼ିବା ଓ ନିଖୋଜ ହେବା ପର୍ଯ୍ୟନ୍ତ ପ୍ରତିଟି ଘଟଣା ସମ୍ପର୍କରେ ତାଙ୍କୁ ମା'ଙ୍କୁ ଟିକିନିଖି କରି ପଚରାଯାଇଛି।

## ଯୁବ ବିଜେଡି ନେତା ଦେଲେ ସହାୟତା

ଆଠମଲ୍ଲିକ, ୧୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ସଞ୍ଜୀବ ବିଶ୍ୱାଳଙ୍କୁ ବଳି ଦିଆଯାଇଥିବା ନେଇ ସନ୍ଦେହ ବଢୁଥିବା ବେଳେ ତାଙ୍କ ପରିବାରକୁ ଭେଟି ବିଜେଡି ନେତାମାନେ ସମବେଦନା ଜଣାଇଛନ୍ତି। ବରିଷ୍ଠ ବିଜେଡି ନେତା ନଳିନୀ ପ୍ରଧାନଙ୍କ ପରାମର୍ଶ କ୍ରମେ ମଙ୍ଗଳବାର ଯୁବ ବିଜେଡି ନେତା ମହେନ୍ଦ୍ର ସାହୁ, ଦୁଃଖିଶ୍ୟାମ ରାଉଳ, ସୂର୍ଯ୍ୟନାରାୟଣ ଡାଙ୍ଗ, ଉପେନ୍ଦ୍ର କର୍ଣ୍ଣ, କିଶୋର ଛନ୍ଦ, ଟୁସର ସରପଞ୍ଚ ଅଶୋକ ପ୍ରଧାନ, ବାସୁଦେବପୁର ସରପଞ୍ଚ କଳ୍ପନା ଡାଙ୍ଗ ସୁବର୍ଣ୍ଣପୁର ଯାଇ ସଞ୍ଜୀବଙ୍କ ମା' ବାସନ୍ତୀ ବିଶ୍ୱାଳଙ୍କୁ ଭେଟି ସମବେଦନା ଜଣାଇବା ସହିତ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



ଯୁବ ବିଜେଡି ନେତାମାନେ ସହାୟତା ପ୍ରଦାନ କରୁଛନ୍ତି।

## 'ଆଠମଲ୍ଲିକ ନାବାଳକ ଦେଇଛନ୍ତି କିଛି ତଥ୍ୟ'

ଅନୁଗୋଳ, ୧୮
(ଅମିତ କୁମାର ସାମଲ)

ଆଠମଲ୍ଲିକ ବ୍ଲକ କିଆକଟା ଥାନା ଟୁସରସ୍ଥିତ ମଙ୍ଗଳା କୋଠିରେ ରହି ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଆଠମଲ୍ଲିକ ଅଞ୍ଚଳର ଜଣେ ନାବାଳକଙ୍କୁ ସୋମବାର ପୋଲିସ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ସମ୍ପୃକ୍ତ ନାବାଳକ ୨ ବର୍ଷ ହେଲା ମଙ୍ଗଳା କୋଠିର ପୂଜକ ରୀତାଞ୍ଜଳି ବାଘଙ୍କ ନିକଟରେ ରହୁଥିବାରୁ ତାଙ୍କ ପାଖରୁ କିଛି ତଥ୍ୟ ପୋଲିସର ହସ୍ତଗତ ହୋଇଛି। କେଉଁ ପରିସ୍ଥିତିରେ ସମ୍ପୃକ୍ତ ନାବାଳକ ସେଠାକୁ ଯାଇଥିଲେ, ସୁବର୍ଣ୍ଣପୁରର ସଞ୍ଜୀବ ନିଖୋଜ ହେବା ପରେ ସେ କାହିଁକି ସେଠାରୁ ଘରକୁ ଫେରିଆସିଲେ, କୋଠିରେ କ'ଣ ଚାଲିଥିଲା, କେଉଁମାନଙ୍କ ଆତଯାତ ଥିଲା ସେ ସମ୍ପର୍କରେ ନାବାଳକ ପୋଲିସକୁ କିଛି ତଥ୍ୟ ପ୍ରଦାନ କରିଥିବା ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।



ଏସ୍‌ପି ସୁଧାଂଶୁ ଶେଖର ମିଶ୍ର

## ଟୁସର ଓ ପଞ୍ଚାୟତ କାର୍ଯ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

## ଛାତ୍ରୀଛାତ୍ରମାନେ ନିରାପଦରେ ସ୍କୁଲ ଆସନ୍ତୁ

ମାଧପୁର, (ମନୋଜ ପ୍ରଧାନ)/
ବଇଣ୍ଡା, ୧୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଆକଟା ଥାନା ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳଙ୍କୁ ବଳି ଦିଆଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ବାସୁଦେବପୁର ପଞ୍ଚାୟତର ଅନେକ ଗ୍ରାମରେ ଏବେ ଭୟର ବାତାବରଣ ଦେଖାଦେଇଛି। ତେଣୁ ପିଲାଙ୍କୁ ନେଇ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ଥିବା ଏହି ଭୟ କିପରି ଦୂରୀଭୂତ ହେବ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ୟମ କରାଯାଉଛି। ସୋମବାର ସୁବର୍ଣ୍ଣପୁର ଗ୍ରାମରେ ପ୍ରଶାସନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ବେଳେ ମଙ୍ଗଳବାର ଦିନ ଟୁସର ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଆଠମଲ୍ଲିକ ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା ଉକ୍ତ ଟୁସର ହାଇସ୍କୁଲ, ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଙ୍ଗନବାସୀ, ଶିକ୍ଷକ ଯୋଗ ଦେଇଥିଲେ। ଉକ୍ତ ଘଟଣାକୁ ନେଇ ଆତଙ୍କିତ ନ ହେବାକୁ ସିଡିପିଓ ପରାମର୍ଶ ଦେବା ସହ ସମସ୍ତ ଛାତ୍ରୀଛାତ୍ର ନିରାପଦରେ ବିଦ୍ୟାଳୟକୁ ପଢ଼ିବା ପାଇଁ ଆସିବାକୁ କହିଥିଲେ। ଏଥିସହ ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ରହିବା ସହ ବିଜ୍ଞାନ ଯୁଗକୁ ଆପଣାଇବା ପାଇଁ ପରାମର୍ଶ ଦେଇଥିଲେ। ଶିଶୁମାନେ କୌଣସି ରୋଗରେ ଆକ୍ରାନ୍ତ ହେଲେ ଗୁଣିଆଙ୍କୁ ନ ଦେଖାଇ ଡାକ୍ତରଙ୍କ ପରାମର୍ଶ ନେବା ସହ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଇବା ପାଇଁ ଉପଦେଶ ଦେଇଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁପରଭାଇଜର ସୁକାନ୍ତି ପ୍ରଧାନ, ଟୁସର ସରପଞ୍ଚ ଅଶୋକ ପ୍ରଧାନ, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କଳ୍ପନା ସାହୁ, ମହିଳା ସ୍ୱାସ୍ଥ୍ୟକର୍ମୀ ବୀଣାପାଣି ସେଠୀ, ଶିକ୍ଷୟିତ୍ରୀ ସୁଷମା ପ୍ରଧାନ, ସଂଯୁକ୍ତା ନାୟକ, ଶିକ୍ଷକ ଦେବେନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ ସୁଧୀର କୁମାର ନାୟକ, ଏମ୍‌ବିକେ ଅଞ୍ଜନା ମୁଦୁଲି, ସସ୍ମିତା ସାହୁ, ସିଆର୍‌ପି ସୁନନ୍ଦା କଅଁର, କାମିନୀ ରାଉତ, ଅନୁପମା ପ୍ରଧାନ, ସଂଯୁକ୍ତା ବେହେରା, ଶୈଳବାଳା ସୁନା, ସୁରତି ଭୋଇ, ସସ୍ମିତା ମହାକୁଡ ପ୍ରମୁଖ ଗ୍ରାମବାସୀ ଯୋଗ ଦେଇଥିଲେ। ପଞ୍ଚାୟତର ସମସ୍ତ ଗ୍ରାମରେ ଏମିତି ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ସିଡିପିଓଙ୍କ ସମେତ ଅନ୍ୟମାନେ।

## ସଫେଇ କର୍ମଚାରୀଙ୍କୁ ବର୍ଷାତି ବଣ୍ଟନ



ଏନ୍‌ଏସି ପ୍ରଶାସନ ପକ୍ଷରୁ ବର୍ଷାତି ବଣ୍ଟନ କରାଯାଉଛି।

ଆଠମଲ୍ଲିକ, ୧୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀ ଓ ସମସ୍ତ କର୍ମଚାରୀଙ୍କୁ ବର୍ଷାତି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି ପ୍ରମୁଖ ଯୋଗଦେଇ କର୍ମଚାରୀଙ୍କୁ ବର୍ଷାତି ବଣ୍ଟନ ଦ୍ୱାରା ବର୍ଷା ଦିନରେ କାର୍ଯ୍ୟ କରିବାକୁ ସେମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ହେବ ବୋଲି କହିଥିଲେ। ସମୁଦାୟ ୫୩ ଜଣ କର୍ମଚାରୀଙ୍କୁ ବର୍ଷାତି ବଣ୍ଟନ କରାଯାଇଥିଲା। ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କିଶୋର ନ୍ୟାୟ ସମ୍ପର୍କରେ ସଚେତନତା

ବଅଁରପାଳ, ୧୮ (ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ନୂଆହତା ଉନ୍ନୀତ ଉଚ୍ଚବିଦ୍ୟାଳୟ ସ୍ମାର୍ଟକ୍ଲାସ କକ୍ଷରେ ବଅଁରପାଳ ବିଚାର ବିଭାଗୀୟ ଅଦାଲତର ତାଲୁକ ଆଇନ ସେବା କମିଟି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋର ନ୍ୟାୟ, ଶିଶୁର ଯତ୍ନ ଓ ସୁରକ୍ଷା, ଶିଶୁମାନଙ୍କ ନିଃଶୁଳ୍କ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଉପରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ସଚେତନ କରାଯାଇଥିଲା। ଏହି ଶିବିରରେ ସ୍ଥାନୀୟ ଜେଏମ୍‌ଏଫ୍‌ସି ଅଦାଲତ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ସ୍ରିଷ୍ଟି ସାମନ୍ତ ଯୋଗଦେଇ ଅଡିଓ ଓ ଭିଜୁଆଲ ମାଧ୍ୟମରେ ଜୁଭେନାଇଲ ଜଷ୍ଟିସ ଆକ୍ଟ ବିଷୟରେ ଅବଗତ କରିଥିଲେ। କମିଟି ସଦସ୍ୟ ତଥା ବରିଷ୍ଠ ଓକିଲ ହେମନ୍ତ କୁମାର ସାହୁ ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନରେ ଥିବା ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ, ବିଦ୍ୟାଳୟ ପରିଚାଳନା କମିଟି, ଶିଶୁର ମାତାପିତା ଓ ସ୍ୱେଚ୍ଛାସେବୀମାନଙ୍କ ଦାୟିତ୍ୱ ଏବଂ ଭୂମିକା ବିଷୟରେ ସଚେତନ କରିଥିଲେ। ପ୍ରଧାନ ଶିକ୍ଷକ କମଳକାନ୍ତ ବିଶ୍ୱାଳ ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାର ବିଭାଗୀୟ ଅଧିକାରୀମାନେ।

## କଲେଜ ବିକାଶ ଉପରେ ଗୁରୁତ୍ୱ ଦିଆଯିବ



ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷଙ୍କ ସହ ଅନ୍ୟମାନେ।

ବଇଣ୍ଡା, ୧୮ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ସ୍ଥିତ ଷୋଳପଦା ଯୁକ୍ତ୨ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବରେ ପ୍ରବୀଣ କୁମାର ସାହୁ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅବସର ଗ୍ରହଣ କରିଥିବା ଅଧ୍ୟକ୍ଷ ନିରୋଜକାନ୍ତ ପ୍ରଧାନଙ୍କ ଠାରୁ ସେ ଦାୟିତ୍ୱ ନେଇଛନ୍ତି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ୍ୟା ପ୍ରତିମା ବାଘ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିନୋଦ ମିଶ୍ର, ବିଜେଡି ନେତା ମନୋଜ କୁମାର ରାଉତ, ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ, ସେହ୍ନଲତା ପ୍ରଧାନ, ପ୍ରଶ୍ନ କୁମାର ମହାରଣା, ପଞ୍ଚାନନ ଗାଇଗରିଆ, ଡ. କଲ୍ୟାଣୀ ରୂପା ମିଶ୍ର, ତରୁଣ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏଥିରେ କିଭଳି କଲେଜର ବିକାଶ ହେବା ସହ ସମସ୍ୟା ଗୁଡିକ ସମାଧାନ କରାଯିବ ସେ ଦିଗରେ ଅଧିକ ଧ୍ୟାନ ଦେବୀ ବୋଲି ନୂତନ ଅଧ୍ୟକ୍ଷ ପ୍ରବୀଣ କହିଛନ୍ତି।

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ତାଳଚେର, ୧୮ (ମନୋଜ ନନ୍ଦ)

ତାଳଚେର ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନବାଗତ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ନେଇ ଏକ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀ ଯୋଗଦାନ କରିଥିଲେ। ଅନୁଷ୍ଠାନରେ ଶାନ୍ତିଶୃଙ୍ଖଳା ରକ୍ଷା ନେଇ ଛାତ୍ରୀଛାତ୍ରମାନେ ପ୍ରତିବଦ୍ଧ ହେବା ଆବଶ୍ୟକ ବୋଲି ଅଧ୍ୟକ୍ଷ ଡ. ମିଶ୍ର ମାର୍ଗଦର୍ଶନ କରିଥିଲେ। ବରିଷ୍ଠ ଅଧ୍ୟାପକ ବଶିଷ୍ଠ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ଅଧ୍ୟାପିକା ଡ. ତନୁଜା ପାତ୍ର, ଲୁସି ମହାନ୍ତି, ସସ୍ମିତା ନନ୍ଦ, ଶ୍ରଦ୍ଧାଞ୍ଜଳି ରାଉତରାୟ, ବବିତା ପ୍ରଧାନ, ବୀଣାପାଣି ମହାରଣା, ଶୁଭସ୍ମିତା ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଚିନ୍ମୟୀ ପ୍ରଧାନ, ସୁଶ୍ରୀ ସୁଦୀପ୍ତା ଜେନା, ସୁଚିସ୍ମିତା ସାମଲ, ଶୁଭ୍ରାଂକ୍ଷୀ ପ୍ରଧାନ, ତ୍ରିନାଥ ସାହୁ, ନିର୍ମଳ କୁମାର ପାଢ଼ୀ, ରଶ୍ମି ରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ସ୍ୱାଗତ ଉତ୍ସବରେ ମଞ୍ଚାସୀନ ବିଦ୍ୟାଳୟ ଅଧ୍ୟକ୍ଷ ଓ ଅନ୍ୟମାନେ।

## କୃଷକ ବିଜୟ ସମାବେଶ ନିମନ୍ତେ ବୈଠକ

ଅନୁଗୋଳ, ୧୮ (ଅମିତ କୁମାର ସାମଲ)

ଆସନ୍ତା ସେପ୍ଟେମ୍ବର ୯ରେ ହେବାକୁ ଥିବା କୃଷକ ବିଜୟ ସମାବେଶ ନିମନ୍ତେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ଠାରେ ଅନୁଷ୍ଠିତ ହୋଇଯାଇଛି। ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ୧୦ ହଜାର ଏକର କୃଷି ଜମି ହସ୍ତାନ୍ତରକୁ ସୁପ୍ରିମକୋର୍ଟ ଅବୈଧ ଘୋଷଣା ସହ ସରକାରଙ୍କୁ ଭର୍ତ୍ସନା କରିବା ଓ ବେଦାନ୍ତକୁ ୫ ଲକ୍ଷ ଟଙ୍କା ଜରିମାନା କରିଥିବା ଦୃଷ୍ଟିରୁ ପୁରୀ ଠାରେ କୃଷକ ବିଷୟ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଅନୁଗୋଳ ଜିଲାର ସହସ୍ରାଧିକ ଚାଷୀ, ଯୁବକ, ଛାତ୍ରୀଛାତ୍ରୀ ଯୋଗ ଦେବେ ବୋଲି ବୈଠକରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନୁଗୋଳ ଜିଲା ପରିଷଦର ପୂର୍ବତନ ସଭାପତି ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବେଦାନ୍ତ ବିଶ୍ୱ ବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ଅନ୍ୟତମ ସଂଯୋଜକ ଦେବୀପ୍ରସାଦ ପୃଷ୍ଟି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ବେହେରା ଏହି ବିଜୟ ସମାବେଶରେ ସାରା ରାଜ୍ୟ ଓ ଦେଶରୁ ଚାଷୀମାନେ ଯୋଗ ଦେବେ। ସୁପ୍ରିମକୋର୍ଟର ପ୍ରଖ୍ୟାତ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ସଭାନେତ୍ରୀ ମେଧା ପାଟେକର ମଧ୍ୟ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି। ବେଦାନ୍ତ ବିଶ୍ୱ ବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ଆବାହକ ଉମାବଲ୍ଲବ ରଥ, କୃତାର୍ଥ ଦେହୁରୀ, ରବୀନ୍ଦ୍ର ନାୟକ, ଅଶୋକ ପ୍ରଧାନ, ମିଟୁ ପ୍ରଧାନ, ତ୍ରିନାଥ ସାହୁ, ଅଭୟ ସାହୁ, ଅଜୟ ସାହୁ, ଦୁଃଶାସନ ଦାଶ, ରାକେଶ ସାହୁ, ଦିଲୀପ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ବାଇକ୍ ଧକ୍କାରେ କିନ୍ନର ମୃତ**

ଢେଙ୍କାନାଳ, (ରତନ ନାୟାର): ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥର ଆଇପିଏଲ୍ କମ୍ପାନୀ ନିକଟରେ ମଙ୍ଗଳବାର ରାତି ସାଢ଼େ ୧୦ଟାରେ ଏକ ବାଇକ୍ ଧକ୍କାରେ ଜଣେ କିନ୍ନରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯୋରନ୍ଦା ଅଞ୍ଚଳର କାଳିନ୍ଦୀ ତରାଇ। ବାଇକ୍ ଆରୋହୀ ଜଣକ କେନ୍ଦୁଝରରୁ ଭୁବନେଶ୍ୱର ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଇପ୍‌ସିତାଙ୍କୁ ୨୨୩ ର୍‍ୟାଙ୍କ୍

ଢେଙ୍କାନାଳ ଅଫିସ,୧।୮ (ରତନ ନାୟାର)

ସଦ୍ୟ ପ୍ରକାଶିତ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ୨୨୩ନଂ. ର୍‍ୟାଙ୍କ୍ ରଖି ଢେଙ୍କାନାଳକୁ ଗର୍ବିତ କରିଛନ୍ତି ସ୍ଥାନୀୟ ୧ନଂ. ୱାର୍ଡ ଶ୍ୟାମାଚରଣପୁର ଅଞ୍ଚଳର ଇପ୍‌ସିତା ନନ୍ଦ।



ଢେଙ୍କାନାଳ କଲେଜରୁ ସ୍ନାତକ ପାସ୍ କରିଥିବା ଇପ୍‌ସିତା ବିବାହ ପରେ ଓସିଏସ୍ ପାଇଁ ପ୍ରସ୍ତୁତି ଚଳାଇଥିଲେ। ତାଙ୍କର ଏହି ସଫଳତାରେ ସ୍ୱାମୀ ପ୍ରିୟଦର୍ଶୀ ଶୁଭାଶିଷ ମିଶ୍ରଙ୍କ ପ୍ରେରଣା ରହିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଇପ୍‌ସିତା ହେଉଛନ୍ତି ଶ୍ୟାମାଚରଣପୁର ଅଞ୍ଚଳର ବାସନ୍ତୀ ନନ୍ଦ, ଅରୂପ କୁମାର ନନ୍ଦଙ୍କ କନ୍ୟା।

### ନାଳରେ ବୁଡ଼ି ଚାଷୀ ନିଖୋଜ

ଢେଙ୍କାନାଳ, ୧।୮ (ରତନ ନାୟାର)

ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା କୁଆଁରିଆ ନାଳରେ ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟାରେ ବୁଡ଼ିଯାଇ ଯୁଗଳ ବେହେରା ନାମକ ଜଣେ ଚାଷୀ ନିଖୋଜ ହୋଇଯାଇଛନ୍ତି। ତାଙ୍କ ଘର ଲେଥକା ପଞ୍ଚାୟତ ରିଆ ଗ୍ରାମରେ। ଯୁଗଳ ବିଲରେ କାମ ସାରି ନାଳରେ ଗାଧୋଉଥିବାବେଳେ ଏହି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ।

# ଢେଙ୍କାନାଳ ବାଘ ଶୂନ୍ୟ

**କେଉଁ କାଳରୁ ଲୋପ ପାଇଯାଇଥିଲେ ମହାବଳ। ସଂରକ୍ଷିତ ଜଙ୍ଗଲରେ କଲରାପତରିଆ ସଂଖ୍ୟା ବୃଦ୍ଧି ପରେ ଏହାକୁ ନେଇ ଉତ୍ସାହିତ ହୋଇପଡ଼ିଥିଲା ବନ ବିଭାଗ। ମହାବଳଙ୍କ ଅଭାବ କଲରାପତରିଆ କେତେକାଂଶରେ ପୂରଣ କରିପାରିବ ବୋଲି ବଢ଼ିଥିଲା ଆଶା। ହେଲେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟ ସବୁ ଗୋଳମାଳ କରିଦେଇଛି। ଢେଙ୍କାନାଳ ଜିଲା ବାଘଶୂନ୍ୟ ହୋଇଯାଇଥିବା ଏଥିରେ ସ୍ପଷ୍ଟ କରାଯିବା ପରେ ପ୍ରସ୍ତାବିତ ବ୍ୟାଘ୍ର କରିଡର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

- ଚିନ୍ତା ବଢ଼ାଇଲା କେନ୍ଦ୍ର ସରକାରଙ୍କ ରିପୋର୍ଟ
- ଟ୍ରାପ୍ କ୍ୟାମେରାରେ ଧରାପଡୁ ନ ଥିବା ମାନିଲେ ଡିଏଫ୍‌ଓ

ଢେଙ୍କାନାଳ, ୧।୮ (ରତନ ନାୟାର)

ଢେଙ୍କାନାଳରୁ ହଜିଗଲେ କଲରାପତରିଆ। କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ପ୍ରକାଶିତ ରିପୋର୍ଟରେ ଏଭଳି ଚମକାଇଦେବା ଭଳି ତଥ୍ୟ ଉଲ୍ଲେଖ ରହିଛି। ମାତ୍ର ବର୍ଷେ ଭିତରେ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଘୂରି ବୁଲୁଥିବା ୭ କଲରାପତରିଆ କୁଆଡ଼େ ଗଲେ, ବନ ବିଭାଗ ଅଜାଣତରେ ସେମାନଙ୍କୁ ଶିକାର କରିଦିଆଯାଇଛି ନା ସେମାନେ ଅନ୍ୟ ଜଙ୍ଗଲକୁ ପଳାଇଛନ୍ତି ତାହାକୁ ନେଇ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅନ୍ୟପଟେ ଦୀର୍ଘଦିନ ହେଲା ଟ୍ରାପ୍ କ୍ୟାମେରାରେ ସେମାନଙ୍କ ଫଟୋ କଏଦ ମଧ୍ୟ ହେଉନାହିଁ। ଫଳରେ ବନ ବିଭାଗ ମଧ୍ୟ ଜିଲାରେ କେତେସଂଖ୍ୟକ କଲରାପତରିଆ ଅଛନ୍ତି, ତାହା ସ୍ପଷ୍ଟ କରିପାରୁନାହିଁ।

ଢେଙ୍କାନାଳ ଜିଲାରେ ଶେଷଥର ପାଇଁ ୨୦୧୭-୧୮ରେ ବାଘ ଗଣନା ହୋଇଥିଲା। ସେତେବେଳେ ମାତ୍ର ୭ଟି କଲରାପତରିଆ ଥିବା ସ୍ପଷ୍ଟ କରାଯାଇଥିଲା। ସାତକୋଶିଆ ସୀମାନ୍ତ ହିନ୍ଦୋଳ ବନାଞ୍ଚଳର କୋଇ ଓ କନ୍ଧରା ସଂରକ୍ଷିତ ଜଙ୍ଗଲ, କେନ୍ଦୁଝର ସୀମାନ୍ତ କାମାକ୍ଷାନଗର ବନାଞ୍ଚଳ ଅଧୀନ ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ଏବଂ ଜୈବ ବିବିଧତାରେ ଭରପୂର କପିଳାସ ଅଭୟାରଣ୍ୟର ପ୍ରାକୃତିକ ପରିବେଶରେ କଲରାପତରିଆ ବଂଶବୃଦ୍ଧି ହେଉଥିବା ବନ ବିଭାଗ ଜୋର୍ ଦେଇ କହିଥିଲା। ଏପରି କି ବାଘଙ୍କ ସୁରକ୍ଷା ପାଇଁ କୋଇ ଏବଂ କନ୍ଧରା ସଂରକ୍ଷିତ ଜଙ୍ଗଲକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସେଠାରେ ବାଘଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ଟ୍ରାପ୍ କ୍ୟାମେରା ଲଗାଯିବା ସହ ୱାଚ୍ ଟାୱାର ନିର୍ମାଣ କରାଯାଇଥିଲା। ଶିକାରୀଙ୍କ ମୁକାବିଲା ପାଇଁ ପ୍ରଶିକ୍ଷିତ ବନ୍ଧୁକଧାରୀ କର୍ମଚାରୀଙ୍କୁ ପାଟ୍ରୋଲିଂରେ ନିୟୋଜିତ ମଧ୍ୟ କରାଯାଇଥିଲା। ନିୟମିତ ବ୍ୟବଧାନରେ ଟ୍ରାପ୍ କ୍ୟାମେରାରେ ବାଘଙ୍କ ଚିତ୍ର କଏଦ ହେଉଥିଲା। ହେଲେ ଦୀର୍ଘଦିନ ହେଲା ବାଘ ଆଉ ନଜର ଆସୁନାହାନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ରିପୋର୍ଟରେ ଢେଙ୍କାନାଳକୁ ବାଘଶୂନ୍ୟ ବୋଲି ଉଲ୍ଲେଖ କରାଯିବା ଚିନ୍ତା ବଢ଼ାଇଛି।

ବାଘଙ୍କ ବଂଶବୃଦ୍ଧି ପାଇଁ ସମସ୍ତ ଉଦ୍ୟମ, ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଏବଂ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଫଳ ଅତି ନକାରାତ୍ମକ ରହିବା ବନ ବିଭାଗଙ୍କ କାର୍ଯ୍ୟଶୈଳୀ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଅନ୍ୟପଟେ କେନ୍ଦ୍ର ସରକାରଙ୍କ ତଥ୍ୟ ଅନେକାଂଶରେ ବିଶ୍ୱାସଯୋଗ୍ୟ ହେଉ ନ ଥିବାରୁ ରାଜ୍ୟ ସରକାର ଜିଲାରେ ବାଘ ଏବଂ ହାତୀ ଗଣନା କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କୁହନ୍ତି, ହସ୍ତଗତ ହୋଇଥିବା କେନ୍ଦ୍ରୀୟ ରିପୋର୍ଟରେ ଢେଙ୍କାନାଳରେ ବାଘ ନ ଥିବା ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀ ଏବଂ ବାଘ ସଂଖ୍ୟା ଜାଣିବା ଲାଗି ପୁଣିଥରେ ଗଣନା କରାଯିବ। ଏଥିଲାଗି ପ୍ରସ୍ତୁତି ଚାଲିଥିବା ଡିଏଫ୍‌ଓ କହିଛନ୍ତି।



ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା କଲରାପତରିଆ ବାଘ। (ଫାଇଲ୍ ଫଟୋ)

### ମାତିଛନ୍ତି ଶିକାରୀ

ଢେଙ୍କାନାଳରେ ମାତିଛନ୍ତି ଶିକାରୀ। ବିଶେଷ କରି ମାଂସ ଲୋଭରେ ସେମାନେ ଯୋଜନାବଦ୍ଧ ଭାବେ ବିଦ୍ୟୁତ୍ ଫାଶ ବସାଉଛନ୍ତି। ଏଥିରେ ଛନ୍ଦି ହୋଇ ବାଘ, ହାତୀ ଭଳି ପ୍ରାଣୀଙ୍କ ଜୀବନ ଚାଲିଯାଉଛି। ଗତବର୍ଷ ହିନ୍ଦୋଳ ରେଞ୍ଜ୍ କୋଇ ସଂରକ୍ଷିତ ଜଙ୍ଗଲରେ କଲରାପତରିଆଙ୍କ ସିରିଜ୍ ମୃତ୍ୟୁ ହୋଇଥିଲା। ମାତ୍ର ମାସେ ମଧ୍ୟରେ ଶିକାରୀଙ୍କ ଫାଶରେ ପଡ଼ି ୩ ବାଘଙ୍କ ଜୀବନ ଯାଇଥିଲା। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଏହି ପ୍ରଜାତିର ବାଘ ଅଧିକ ସଂଖ୍ୟାରେ ରହିଥିବା ବନ ବିଭାଗ ଅନୁମାନ କରିଥିଲା। ଏଥିପୂର୍ବରୁ ୪ ବର୍ଷ ତଳେ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ଦୁଇଟି କଲରାପତରିଆ ବାଘ ଶିକାର କରାଯାଇଥିଲା। ବାଘ ଛାଲ ରାଜ୍ୟ ବାହାରକୁ ଚାଲାଣ କରିବାକୁ ଯୋଜନା ଚାଲିଥିବା ବେଳେ କପିଳାସ ଅଭୟାରଣ୍ୟ ନିକଟବର୍ତ୍ତୀ ଅଞ୍ଚଳରୁ ବନ କର୍ମଚାରୀ ୩ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ମଧ୍ୟରେ ଜଣେ ଶିକ୍ଷକ ରହିଥିଲେ। ଏହି ଘଟଣା ସେତେବେଳେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ତେଣୁ ଢେଙ୍କାନାଳ ବାଘଶୂନ୍ୟ ହୋଇଯିବା ପଛରେ ଶିକାରୀଙ୍କ ହାତ ରହିଥିବା ସନ୍ଦେହକୁ ଏଡ଼ାଇ ଦିଆଯାଇପାରୁନାହିଁ।

## ଚୋରା ଦେଶୀ ମଦ ଆଡ୍ଡା ଠାବ



ଅବକାରୀ ବିଭାଗ ଠାବ କରିଥିବା ଦେଶୀ ମଦ ରନ୍ଧା ଯାଉଥିବା ସ୍ଥାନ।

କାମାକ୍ଷାନଗର, ୧।୮ (ଅମଜାଦ୍ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଉପାନ୍ତ ଅଞ୍ଚଳ ଚୋରା ଦେଶୀ ରନ୍ଧା ମଦର ଆଡ୍ଡାସ୍ଥଳୀ ପାଲଟିଛି। ଜଙ୍ଗଲରେ ମଦ ରନ୍ଧା ଯାଇ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଗତ ସୋମବାର ରାତିରେ ଏଭଳି ମଦ ରନ୍ଧାଯାଉଥିବା ସ୍ଥାନରେ ଅବକାରୀ ବିଭାଗ ଅତର୍କିତ ଚଢ଼ାଉ କରି ବିପୁଳ ପରିମାଣର ପୋଚ ନଷ୍ଟ କରିଛି। ଘଟଣାସ୍ଥଳରୁ ମଦ ରନ୍ଧା ସାମଗ୍ରୀ ଜବତ ହୋଇଥିବା ବେଳେ ଅଭିଯୁକ୍ତ ଚମ୍ପଟ ମାରିବାରେ ସଫଳ ହୋଇଛନ୍ତି। କଙ୍କଡ଼ାହାଡ଼ ବ୍ଲକ କଙ୍କଣା, କରଡ଼ାପାଳ ଓ ହରିଡ଼ାପଦା ଗ୍ରାମ ଜଙ୍ଗଲରେ ଏହି ଚଢ଼ାଉ କରାଯାଇଥିଲା। ଏଥିରେ କାମାକ୍ଷାନଗର ଅବକାରୀ ବିଭାଗର ସଞ୍ଜୀବ ଶର୍ମା, ପରଜଙ୍ଗ ଅବକାରୀ ବିଭାଗର ଆରତୀ ମିଶ୍ରଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

## ୨୧ ଯାଏ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

ଢେଙ୍କାନାଳ, ୧।୮ (ରତନ ନାୟାର)

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ସଂଶୋଧନ ପ୍ରକ୍ରିୟା ଚାଲିଛି। ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି। ଗତ ଜୁଲାଇ ୨୧ରୁ ଆରମ୍ଭ ହୋଇ ଥିବା ଏହି ଅଭିଯାନ ଅଗଷ୍ଟ ୨୧ ଯାଏ ଚାଲିବ। ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରସ୍ତୁତ କରାଯିବାପରେ ବ୍ଲକସ୍ତରୀୟ ଅଧିକାରୀମାନେ ପୁନର୍ବାର ଯାଞ୍ଚ କରିବେ। ଦୁଇଟି ସ୍ଥାନରେ ନାମ ଥିବା ଏବଂ ସ୍ଥାନାନ୍ତର ହୋଇଥିବା ଭୋଟରଙ୍କୁ ଚିହ୍ନଟ କରି ବାଦ୍ ଦିଆଯିବ। ସର୍ଭେ ସମୟରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସହଯୋଗ କରିବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ସେଠୀ ନିବେଦନ କରିଛନ୍ତି।

## ସହରରେ ଗାଡ଼ଭାଲୁ ଆତଙ୍କ

ଢେଙ୍କାନାଳ ଅଫିସ,୧।୮ (ରତନ ନାୟାର)

ଢେଙ୍କାନାଳକୁ ପଶିଆସିଥିବା ଏକ ଗାଡଭାଲୁ ପାଇଁ ମଙ୍ଗଳବାର ଭୋର୍ ସମୟରେ ସହରରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ସିସିଟିଭିରେ ଏହି ବନ୍ୟଜନ୍ତୁର ଫଟୋ କଏଦ ହୋଇଥିବାବେଳେ ବନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

ଉକ୍ତ ଗାଡ଼ଭାଲୁଟି ଭାଗୀରଥି ସାଗର ଆଡୁ ଆସି ଲକ୍ଷ୍ମୀବଜାରରେ ପହଞ୍ଚିଥିଲା। ଚା' ଦୋକାନ ଖୋଲିବାକୁ ଆସୁଥିବା ଦୋକାନୀ ଏବଂ ସଫେଇ କାର୍ଯ୍ୟରେ ନିୟୋଜିତ କେତେଜଣ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲା। ଅନ୍ୟପଟେ ଗାଡ଼ଭାଲୁକୁ ବୁଲା କୁକୁର ଘେରିଯିବା ପରେ ସେ ପ୍ରାଣ ବିକଳରେ ସେଠାରୁ ପଳାଇ ଯାଇଥିଲା। ଏସବୁ ଦୃଶ୍ୟ ସେଠାରେ ଲାଗିଥିବା ଏକ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ଏହାର କୌଣସି ସନ୍ଧାନ ମିଳି ନ ଥିଲା ଅନ୍ୟପଟେ ଗାଡ଼ଭାଲୁ ଆକ୍ରମଣରେ ୩ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ମାସରେ ଢେଙ୍କାନାଳ ସଦର ଥାନା ସୋଗରପଶି ପଞ୍ଚାୟତ ଅଞ୍ଚଳରେ ଅଜଣା ଜନ୍ତୁ ଆକ୍ରମଣରେ ୫୦ ମେଣ୍ଢାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ବନ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା। ହେଲେ ଅଦ୍ୟାବଧି ଉକ୍ତ କ୍ୟାମେରାରେ ମେଣ୍ଢା ମାରିଥିବା ବନ୍ୟପ୍ରାଣୀ କଏଦ ହୋଇନାହିଁ।

ଏ ସଂକ୍ରାନ୍ତରେ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର କୁହନ୍ତି, ସହର ନିକଟବର୍ତ୍ତୀ ଜଙ୍ଗଲରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ବନ୍ୟପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ କେତେକ ସମୟରେ ସେମାନେ ସହରକୁ ଚାଲି ଆସୁଛନ୍ତି। ସିସିଟିଭିରୁ ଉକ୍ତ ବନ୍ୟପ୍ରାଣୀ ଗାଡ଼ଭାଲୁ ବୋଲି ଜଣାପଡ଼ିଛି। ସୋଗରପଶି ପଞ୍ଚାୟତରେ ମେଣ୍ଢା ମୃତ୍ୟୁ ଘଟଣାରେ ଯେଉଁ ଅଜଣାଜନ୍ତୁ ବିଷୟରେ ଚର୍ଚ୍ଚା ହେଉଥିଲା, ସେ ସମ୍ପର୍କରେ ଅଦ୍ୟାବଧି କୌଣସି ତଥ୍ୟ ମିଳିନାହିଁ। ବନ ବିଭାଗ ପକ୍ଷରୁ ଅନୁଧ୍ୟାନ ଜାରି ରହିଛି।



ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଗାଡଭାଲୁ।

## ଓଭର ବ୍ରିଜ୍‌ରେ ପିଟିହେଲା ବାଇକ୍: ଯୁବକ ମୃତ

କାମାକ୍ଷାନଗର, ୧।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ମାଳପୁରା ଓଭରବ୍ରିଜ୍ ଉପରେ ସୋମବାର ରାତି ପ୍ରାୟ ୧୧ଟାରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି। ଓଭର ବ୍ରିଜ୍ ସୁରକ୍ଷା ବାଡ଼ରେ ବାଇକ୍ ପିଟି ହୋଇଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆ ଆଳତୁମା ଗ୍ରାମର ଗଦାଧର ଷଣ୍ଢଙ୍କ ପୁଅ ରଜତ (୨୦)। ରଜତ କାମ ସାରି ଘରକୁ ବାଇକ୍ (ନଂ. ଓଡ଼ି ୦୫ ବିକେ ୪୯୮୩)ରେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତାଙ୍କୁ ସ୍ଥାନୀୟ ଲୋକେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନୀରୋଗ ରଖେ ଯୋଗ




ଯୋଗାସନ କ୍ରୀଡ଼ା ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀ।

ଢେଙ୍କାନାଳ, ୧।୮ (ରତନ ନାୟାର)

ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ମହିମା ଯୋଗ ଓ ୱେଲନେସ୍ ଟ୍ରଷ୍ଟ ପକ୍ଷରୁ ଜିଲାସ୍ତରୀୟ ଦ୍ୱିତୀୟ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ 'ମଦର ନାଚୁରୋପାଥି ଅନୁଷ୍ଠାନ'ର ମୁଖ୍ୟ ଟ୍ରଷ୍ଟି ପୀତବାସ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଯୋଗ ଶରୀରକୁ ନୀରୋଗ ରଖେ। ଶାରୀରିକ ଓ ମାନସିକ ଅଭିବୃଦ୍ଧିରେ ସହାୟକ ହୁଏ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ୮୭ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଗୌରଚନ୍ଦ୍ର ନନ୍ଦ, ସୁଶୀଲ ପଣ୍ଡା, ଚିନ୍ତାମଣି ନାଥ, ରଶ୍ମିତା ନନ୍ଦ, ମନସ୍ୱିନୀ ମିଶ୍ର, ମିନତି ମହାରାଜ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ସବ୍ ଜୁନିୟର ବାଳକ ବର୍ଗରେ ଶୁଭମ୍ ରାୟ, ସିଦ୍ଧାର୍ଥ ବେହେରା, ଜ୍ୟୋତିରଞ୍ଜନ ସ୍ୱାଇଁ, ସବ୍ ଜୁନିୟର ବାଳିକା ବର୍ଗରେ ଶୁଭ୍ରମୟୀ କର, ଇପ୍‌ସିତା ଜେନା, ପ୍ରିୟଦର୍ଶିନୀ ସାହୁ, ଜୁନିୟର ବାଳକ ବର୍ଗରେ ସୌମ୍ୟଜିତ୍ ସାହୁ, ଗତିକୃଷ୍ଣ ବେହେରା, ରଘୁ ଶେଖର ମାଝି, ବାଳିକା ବର୍ଗରେ ବର୍ଷାରାଣୀ ରଣା, ଶ୍ୟାମାଶ୍ରୀ ବେହେରା, ମୌସୁମୀ ରାଉତ, ସିନିୟର ବାଳିକା ଗ୍ରୁପ୍-ଏରେ ରାମେଶ୍ୱରୀ ପଟ୍ଟନାୟକ, ନିକିତା ପଟ୍ଟନାୟକ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସିନିୟର ସି-ବର୍ଗରେ ସବିତା ତ୍ରିପାଠୀଙ୍କୁ ଶ୍ରେଷ୍ଠ ସ୍ଥାନ ମିଳିଛି। ସଭାପତି ମୋନାଲିସା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପଦେଷ୍ଟା ଅଶ୍ୱିନୀ କୁମାର ପତି ମଞ୍ଚାସୀନ ଥିଲେ।

## ରାଜସ୍ୱ ବୃଦ୍ଧି ପାଇଁ ପରାମର୍ଶ

କାମାକ୍ଷାନଗର, ୧।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ ସଭାଗୃହରେ ମଙ୍ଗଳବାର ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରି ରାଜସ୍ୱ ବୃଦ୍ଧି ଲାଗି ପରାମର୍ଶ ଦେଇଥିଲେ। ଅଞ୍ଚଳରୁ ଲଘୁ ଖଣିଜ ସାମଗ୍ରୀ ଚୋରା ଚାଲାଣ ରୋକିବା, ନୂଆ ବାଲି ସଇରାତ ଏବଂ ପଥର ଖାଦାନ ଲିଜ୍‌ରେ ଦେବା ଲାଗି ବ୍ୟବସ୍ଥା କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। କାମାକ୍ଷାନଗର ତହସିଲଦାର ଓମ୍‌ପ୍ରକାଶ ମହାନ୍ତି, ଅତିରିକ୍ତ ତହସିଲଦାର ଝସକେତନ ନାୟକ, ରାଜସ୍ୱ ଅଧିକାରୀ ମଦନମୋହନ ଜେନା, ପରଜଙ୍ଗ ତହସିଲଦାର ସିରିୟଲ ଶୁଭ୍ର ପଟେଲ, କଙ୍କଡାହାଡ଼ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲଙ୍କ ସମେତ ବିଭିନ୍ନ ଆର୍‌ଆଇ ଅଫିସର ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ।



ବୈଠକରେ ଉପଜିଲାପାଳ, ତହସିଲଦାରଙ୍କ ସମେତ ଅନ୍ୟମାନେ।

## ସମ୍ପର୍କ କାର୍ଯ୍ୟାଳୟ, ମୋ ସରକାର କକ୍ଷରେ ଅଭିଯୋଗ ଦାଖଲ ହେବ

ଢେଙ୍କାନାଳ,୧।୮ (ରତନ ନାୟାର)

ଢେଙ୍କାନାଳ ଜିଲାରେ ପ୍ରତି ସୋମବାର ନିର୍ଦ୍ଧାରିତ ସ୍ଥାନରେ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରହିବ। ସେହିପରି ଉପଖଣ୍ଡ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟରେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁରୂପ ଶିବିର ଅନୁଷ୍ଠିତ ହେବ। ଅନ୍ୟଦିନରେ ଅଭିଯୋଗକାରୀ 'ସମ୍ପର୍କ କାର୍ଯ୍ୟାଳୟ' ଓ 'ମୋ ସରକାର କକ୍ଷ'ରେ ଅଭିଯୋଗଗୁଡ଼ିକ ଦାଖଲ କରିପାରିବେ ବୋଲି ଜିଲାପାଳ ସରୋଜ ସେଠୀ କହିଛନ୍ତି।

## ସମୀକ୍ଷା କଲେ, ପରାମର୍ଶ ଦେଲେ

### ଢେଙ୍କାନାଳରେ ଗଣଶିକ୍ଷା ବିଭାଗ ଉପଦେଷ୍ଟା

ଢେଙ୍କାନାଳ, ୧।୮ (ରତନ ନାୟାର)

ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ଉପଦେଷ୍ଟା ଶିଶିର ପରିଜା ମଙ୍ଗଳବାର ଢେଙ୍କାନାଳ ଜିଲା ଗସ୍ତରେ ଆସି ବିଭିନ୍ନ ହାଇସ୍କୁଲ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଷ୍ଟାଇପେଣ୍ଟ ଓ ବୃତ୍ତି ଠିକ୍ ଭାବେ ମିଳୁଛି କି ନାହିଁ, ସେ ନେଇ ଉପଦେଷ୍ଟା ପଚାରି ବୁଝିଥିଲେ।

ପୂର୍ବାହ୍ନ ସାଢ଼େ ୧୦ଟାରେ ଉପଦେଷ୍ଟା ପରିଜା '୫-ଟି' ରୂପାନ୍ତରିତ ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପରିଦର୍ଶନ କରି କମ୍ପ୍ୟୁଟର ପ୍ରକୋଷ୍ଠ, ମୁକ୍ତାକାଶ ଶିକ୍ଷାଦାନ କକ୍ଷ ବୁଲି ଦେଖିଥିଲେ। ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ଯେପରି ଠିକ୍ ଭାବେ ଷ୍ଟାଇପେଣ୍ଡ୍ ଓ ବୃତ୍ତି ମିଳିପାରିବ, ସେ ଦିଗରେ ଯତ୍ନବାନ ହେବାକୁ ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ଏବଂ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କୁ କହିଥିଲେ। ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଦେଖି ଉପଦେଷ୍ଟା ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାପରେ ସେ ମହିଷାପାଟସ୍ଥିତ ଆଦର୍ଶ ବିଦ୍ୟାଳୟ, ଜଗନ୍ନାଥ ରୋଡସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗଁଡିଆ, ଦେଓଗାଁ ଅଞ୍ଚଳରେ ଥିବା ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ସୁପରଭାଇଜର ଲକ୍ଷ୍ମୀଧର ମହନ୍ତ ଉପସ୍ଥିତ ଥିଲେ।



ଗଣଶିକ୍ଷା ବିଭାଗ ଉପଦେଷ୍ଟା ବି.ବି. ହାଇସ୍କୁଲରେ ସମୀକ୍ଷା କରୁଛନ୍ତି।

## ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ

### ଧାରଣାରେ ବସିଲେ ଜମାକାରୀ

ଢେଙ୍କାନାଳ, ୧।୮ (ରତନ ନାୟାର)

ଢେଙ୍କାନାଳସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମୁଖ୍ୟ ଶାଖାରେ ଥିବା ଜଣେ ଜମାକାରୀଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶ୍ୟାମଚରଣପୁର ଅଞ୍ଚଳର ଶରତ ସାହୁ (୪୩) ସପରିବାର ବ୍ୟାଙ୍କ ସମ୍ମୁଖରେ ମଙ୍ଗଳବାର ଧାରଣାରେ ବସିଥିଲେ।

ଅଭିଯୋଗ ଅନୁଯାୟୀ, ମିକ୍ସଚର ବ୍ୟବସାୟୀ ଶରତ ପରିବାର ପ୍ରତିପୋଷଣ ବାଦ୍ ବଳକା ଟଙ୍କା ୨୦୧୫ରୁ ବ୍ୟାଙ୍କରେ ସଞ୍ଚୟ କରି ରଖୁଥିଲେ। ଝିଅପୁଅଙ୍କ ପାଠପଢ଼ା ଓ ଭବିଷ୍ୟତକୁ ଆଖିରେ ରଖି ସେ ଟଙ୍କା ସଞ୍ଚୁଥିଲେ। ୨୦୨୨ରେ କୁଞ୍ଜକାନ୍ତ ନିକଟରେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। କଟକଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଗୋଡ଼ରେ ପୁନର୍ବାର ଅସ୍ତ୍ରୋପଚାର କରିବାକୁ ପଡ଼ିବ ବୋଲି ଡାକ୍ତର କହିଥିଲେ। ଏହାପରେ ସେ ଢେଙ୍କାନାଳ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଇବା ଲାଗି ଯାଇଥିବାବେଳେ ଆକାଉଣ୍ଟ ଖାଲି ଥିବା ଜଣାପଡ଼ିଥିଲା। କେବଳ ଏତିକି ନୁହେଁ, ତାଙ୍କ କ୍ରେଡିଟ୍ କାର୍ଡରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୋନ୍ ଥିବା ସେ କହିଛନ୍ତି। କ୍ରେଡିଟ୍ କାର୍ଡ ଗ୍ରାହକ ସେବାକେନ୍ଦ୍ର ସହ ଯୋଗାଯୋଗ କରିବା ବେଳେ କ୍ରେଡିଟ୍ କାର୍ଡ ଦ୍ୱାରା ଏକାଧିକ ଥର ଟଙ୍କା ଉଠାଣ ହୋଇଥିବା ସ୍ପଷ୍ଟ ହୋଇଥିଲା। ଡେବିଟ୍ ଓ କ୍ରେଡିଟ୍ କାର୍ଡ କାହାରିକୁ ହସ୍ତାନ୍ତର କରି ନ ଥିଲେ ମଧ୍ୟ କିପରି ଟଙ୍କା ଉଠାଣ ହେଲା ବୋଲି ପ୍ରଶ୍ନ ପଚାରିବାରେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ସନ୍ତୋଷଜନକ ଉତ୍ତର ନେଇ ନ ଥିଲେ। ଓଲଟି ଟଙ୍କା ଦେଇପାରିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଏହା ପରେ ସେ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହାର ନ୍ୟାୟିକ ତଦନ୍ତ କରିବାକୁ ଶରତ ନିବେଦନ କରିଛନ୍ତି।

ଏ ସଂକ୍ରାନ୍ତରେ ଶରତଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ନଂ. ୪୪୫/୨୩, ଦଫା ୪୨୦ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ କୌଣସି ମତାମତ ଦେବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ମନା କରିଦେଇଛନ୍ତି।



ଶରତ ଏବଂ ତାଙ୍କ ପରିବାର ସଦସ୍ୟ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିଛନ୍ତି।

